ଆଂଚଳିକ ପରିବହନ କାର୍ଯ୍ୟାଳୟ, ତାଳଚେର

ସଂଖ୍ୟା ନଂ.....୧୭...../ ତା..୦୮.୦୧.୨୦୨୧..

ମୋଟର ଯାନ ନିଲାମ ନିମନ୍ତେ

ଏତଦ୍ୱାରା ମୋଟରଯାନର ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି, ଯଥା ସମୟରେ ସେମାନେ ଟିକସ ଅସୁଲକାରୀ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନକରିଥିବାରୁ, ମୋଟରଯାନ କର ଆଇନ୍ ଅନୁଯାୟୀ ଗାଡି ଗୁଡିକ ଜବତ କରାଯାଇଅଛି ଏବଂ ଏହା ନିଲାମ କରିବା ପାଇଁ ଏହି ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ଅବଗତ କରାଯାଉଅଛି । ନିଲାମଯାନ ସମ୍ବନ୍ଧୀୟ ତଥ୍ୟ ନିମ୍ନ **website** ମାଧ୍ୟମରେ ଅବଗତ ହୋଇପାରିବେ । ନିଲାମ ହେବାକୁ ଥିବା ଯାନ ମାଲିକମାନଙ୍କୁ ଅବଗତି କରାଯାଉଅଛିକି, ଯଦି ସେମାନଙ୍କର ଗାଡି ଉପରେ ଥିବା ବକେୟା ଅର୍ଥ ପଇଠ କରିଥାନ୍ତି, ତହିଁର ରସିଦ୍ କିମ୍ବା ଯଦି ନକରିଥାନ୍ତି, ତେବେ ଆସନ୍ତା ତା ୧୯.୦୧.୨୦୨୧ ତାରିଖ ୫.୦୦ ଘଟିକା ସୁଧା ସେମାନଙ୍କର ବକେୟା ପଇଠ କରନ୍ତୁ, ତା ନହେଲେ ତା ୨୦.୦୧.୨୦୨୧ ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ଆଂଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯାନ ଗୁଡିକ ନିଲାମ କରାଯିବ ।

ସମସ୍ତ ଜନସାଧାରଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ସୂଚନା ଦିଆଯାଉଛିକି, ନିଲାମି ସମ୍ବନ୍ଧୀୟ ସବିଶେଷ ତଥ୍ୟ ନିମ୍ନଲିଖିତ **website** ମାଧ୍ୟମରେ ଅବଗତ ହୋଇପାରିବେ ।

1. www.odishatransport.gov.in
2. www.odishatransport.nic.in

ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛିକି, **website** ରେ ଦର୍ଶାଯାଇଥିବା ଫର୍ମ ପୂରଣ କରି ତା ସହିତ ଟ. ୫,୦୦୦/- ଙ୍କା (ପାଂଚ ହଜାର ଟଙ୍କା) ମାତ୍ର ଅମାନତ ରାଶି ଯେକୌଣସି ରାଷ୍ଟ୍ରାୟତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (Regional Transport **Officer, Talcher payable at Talcher)** ସଂଲଗ୍ନ କରି ତା ୨୦.୦୧.୨୦୨୧ ରିଖ ଦିନ ଦିବା ୧୦.୦୦ ଘଟିକା ଠାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନ ପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ ।

କୌଣସି କାରଣ ନଦର୍ଶାଇ କୌଣସି ଯାନ/ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାରୁ ରଦ୍ଦ କରିବା ନିଲାମ ଅଧିକାରୀ, ସମ୍ପୂର୍ଣ୍ଣ କ୍ଷମତା ସମ୍ପନ୍ନ ଅଟନ୍ତି ।

ଟିକସ ଅସୁଲି ଅଧିକାରୀ
ଏବଂ
ଆଂଚଳିକ ପରିବହନ ଅଧିକାରୀ, ତାଳଚେର

ନିଲାମି ଯାନ ନିମନ୍ତେ ଆବେଦନ ପତ୍ର

୧. ନିଲାମକାରୀଙ୍କ ନାମ

୨. ପିତାଙ୍କ ନାମ

୩. ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ୍ ନମ୍ବର

୪. ଠିକଣାର ପ୍ରମାଣ ପତ୍ର (ଭୋଟର ପରିଚୟ ପତ୍ର, ଆଧାରକାର୍ଡ଼, ଡ୍ରାଇଭିଙ୍ଗ ଲାଇସେନ୍ସ)

୫. ନିଲାମ ଯାନର ପଞ୍ଜିକରଣ ନମ୍ବର

୬. ପ୍ରଦତ ମୂଲ୍ୟ

୭. ଅମାନତ ରାଶି ବିବରଣୀ (ଟଙ୍କାର ପରିମାଣ, ବ୍ୟାଙ୍କ୍ ଡ୍ରାଫ୍ଟ ନଂ, ତାରିଖ ଏବଂ ବ୍ୟାଙ୍କର ନାମ)

ତାରିଖ :-

ସ୍ଥାନ :- ଆବେଦନକାରୀଙ୍କ ସ୍ୱାକ୍ଷର

ବି:ଦ୍ର.

(କ) ଗୋଟିଏ ଦରଖାସ୍ତରେ ଗୋଟିଏ ଯାନ ସଂଖ୍ୟା ସ୍ଥାନିତ ହେବ ।

(ଖ) ପ୍ରତ୍ୟେକ ଯାନ ପାଇଁ ଅଲଗା ଅମାନତ ରାଶି ପ୍ରଦାନ କରିବାକୁ ହେବ ।

(ଗ) ଇଚ୍ଛୁକ ବ୍ୟକ୍ତି ମାନେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ନିଲାମି ଯାନ ଗୁଡ଼ିକ ଅବସ୍ଥାପିତ ସ୍ଥାନରେ ଦେଖି ପାରିବେ ।

(ଘ) ନିଲାମିରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କ ନାମ ଘୋଷଣା କରାଯିବାର ତିନିଦିନ ମଧ୍ୟରେ ସମସ୍ତ ଅର୍ଥରାଶିକୁ ପଇଠ କରିବାକୁ ହେବ ନଚେତ୍ ସେମାନଙ୍କ ଅମାନତ ଦେୟକୁ ବାଜ୍ୟାପ୍ତି କରାଯାଇ ଯାନକୁ ପୁର୍ନବାର ବିକ୍ରୟ କରାଯିବ ।

(ଙ) ସମସ୍ତ ଦେୟ ପଇଠ କରିବାର ୭ଦିନ ମଧ୍ୟରେ ମାଲିକନା ସତ୍ୱ ପରିବର୍ତ୍ତନ କରିବାକୁ ହେବ ।

AUCTION VEHICLE LIST

SL. NO.	VEHICLE NO	TYPES OF VEHICLE	UPSET PRICE	MODEL	PLACE OF AVAILABILITY OF VEHICLE
1.	OR06J 9944	TATA MAGIC	20000	2012	RTO, TALCHER
2.	OR06A 8480	TREKKER	10000	1997	RTO, TALCHER
3.	OR06C 2829	TREKKER	10000	1999	RTO, TALCHER
4.	OD02 3420	BOLERO	50000	2012	RTO, TALCHER
5.	OR19L 9773	MAXIMO	10000	2011	RTO, TALCHER
6.	OD05 3723	TATA MAGIC	20000	2012	RTO, TALCHER
7.	OR05R8699	PICKUP	10000	2004	RTO, TALCHER
8.	OR19E6678	BOLERO CAMPER	10000	2007	RTO, TALCHER
9.	OR19G0288	TATA MAGIC	10000	2008	RTO, TALCHER
10.	OD19A 3030	TATA MAGIC	10000	2013	RTO, TALCHER
11.	OR19E7800	MINI BUS	70000	2007	RTO, TALCHER
12.	OR19E5506	TATA ACE	10000	2007	RTO, TALCHER

Regional Transport Officer
Talcher